# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 September - 2024**

**News Editor : *Itishree Singh Rathaur***

---

## ପିଏମ୍-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଜନତା ମଇଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ଜନସଭାକୁ ସମ୍ବୋଧନ କରିବେ । ସୁଭଦ୍ରା ଯୋଜନାରେ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ । ଚଳିତ ଆର୍ଥିକ ବର୍ଷାଠାରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ଲେଖାଏଁ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ଦିଆଯିବ ବୋଲି ରାଜ୍ୟ ସରକାର କହିଛନ୍ତି । ରାଜ୍ୟ ସରକାର ସୁଭଦ୍ରା ଯୋଜନା ପାଇଁ ୫୫ ହଜାର ୮୨୫ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬୦ଲକ୍ଷରୁ ଅଧିକ ହିତାଧିକାରୀ ଆବେଦନ କରିଥିବା ଜଣାପଡ଼ିଛି । ଗତ ୧୫ ତାରିଖ ସୁଦ୍ଧା ଯେଉଁ ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ସୁଫଳ ପାଇବା ପାଇଁ ପଞ୍ଜୀକରଣ କରିଛନ୍ତି, ତା'ର ପ୍ରଥମ କିସ୍ତି ପ୍ରଧାନମନ୍ତ୍ରୀ ଆଜି ପ୍ରଦାନ କରିବେ ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀମାନଙ୍କ ସହ ଭୁବନେଶ୍ୱରର ଗାଡ଼କଣଠାରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମଧ୍ୟ ବଣ୍ଟନ କରାଯିବ। ସୂଚନାଯୋଗ୍ୟ, ଜାତୀୟସ୍ତରର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପ୍ରାୟ ୧୦ ଲକ୍ଷ ହିତାଧିକାରୀ ସାମିଲ ହୋଇଛନ୍ତି। ଏହି ଯୋଜନାର ପ୍ରଥମ କିସ୍ତି ବାବଦ ୩ ହଜାର ୧୮୦କୋଟି ଟଙ୍କା ପ୍ରତ୍ୟକ୍ଷ ଅର୍ଥରାଶି ପ୍ରଦାନ ଆକାରରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ୨ ହଜାର ୮୭୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏବଂ ସୁଭଦ୍ରା ଯୋଜନାର ଶୁଭାରମ୍ଭକୁ ଦୃଷ୍ଟିରେ ରଖି ଆଜି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଏହା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ, କାର୍ଯ୍ୟନିର୍ବାହୀ ଅଦାଲତ ପ୍ରଥମାର୍ଦ୍ଧ ଛୁଟି ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଏନଡିଏ ସରକାର-୧୦୦ ଦିନ

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ତୃତୀୟ ପାଳିକୁ ୧୦୦ ଦିନ ପୂରଣ ହୋଇଛି । ୨୦୨୪ ମସିହା ଜୁନ୍ ମାସ ୯

ତାରିଖରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ତୃତୀୟଥର ପାଇଁ ଶପଥ ଗ୍ରହଣ କରିଥିଲେ । ତୃତୀୟ ପାଳି ସରକାରର ପ୍ରଥମ ୧୦୦ ଦିନ ଶାସନ ମଧ୍ୟରେ ୧୫ ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । କୃଷକ, ମହିଳା, ସଂଖ୍ୟାଲଘୁ, ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯିବା ସହିତ ଭିତ୍ତିଭୂମି ବିକାଶ ଲାଗି ପ୍ରାଧାନ୍ୟ ଦିଆଯାଇଛି । ଏନ୍‌ଡିଏ ସରକାରଙ୍କ ପ୍ରଥମ ୧୦୦ ଦିନ ମଧ୍ୟରେ ୧୧ଲକ୍ଷ ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରାଯାଇଛି । ସେହିଭଳି ଚଳିତ ଆର୍ଥିକ ବର୍ଷ ପାଇଁ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ।

## ଚଏସ୍ ଲକିଂ

ମେଡ଼ିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂଶୋଧିତ ମେଧାତାଲିକା ପ୍ରକାଶ ପାଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୨୩ ତାରିଖ ମଧ୍ୟରେ ଚଏସ୍ ଫିଲିଙ୍ଗ କରିପାରିବେ । ଦ୍ୱିତୀୟ ପର୍ଯ୍ୟାୟ ଅସ୍ଥାୟୀ ଆବଣ୍ଟନ ତାଲିକା ୨୪ ତାରିଖ ଅପରାହ୍ନ ୫ଟାରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି । ୨୫ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଏହି ସିଟ୍ ଆବଣ୍ଟନକୁ ନେଇ ପିଲାମାନେ ଅଭିଯୋଗ କରିପାରିବେ । ୨୬ ତାରିଖରେ ଚୂଡ଼ାନ୍ତ ଆବଣ୍ଟନ ତାଲିକା ପ୍ରକାଶ ପାଇବ ।

# ବିସିଜି ଟିକା

ରାଜ୍ୟରେ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ଲୋକଙ୍କୁ ବିସିଜି ଟିକା ଦିଆଯିବ । କେନ୍ଦ୍ର ସରକାରଙ୍କ ପାଇଲଟ ପ୍ରକଳ୍ପ ଅଧୀନରେ ଓଡ଼ିଶାର ୧୫ଟି ଜିଲ୍ଲାକୁ ଏଥିରେ ସାମିଲ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ପ୍ରାୟ ୫୦ ଲକ୍ଷ ଲୋକଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦ୍ରାପଡ଼, ନୟାଗଡ଼, ଭଦ୍ରକ, ନବରଙ୍ଗପୁର, ମୟୂରଭଞ୍ଜ, ଢ଼େଙ୍କାନାଳ, ବାଲେଶ୍ୱର, କନ୍ଧମାଳ, ରାୟଗଡ଼ା, ବଲାଙ୍ଗିର, ବୌଦ୍ଧ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ । ୧୮ରୁ ୬୦ ବର୍ଷ ବୟସର ମଧୁମେହ, ଧୂମପାନ, ପୂର୍ବରୁ ଯକ୍ଷ୍ମାରେ ଆକ୍ରାନ୍ତ ବ୍ୟକ୍ତି ଏବଂ ତାଙ୍କର ସଂପର୍କୀୟମାନଙ୍କୁ ଏହି ଟିକା ଦିଆଯିବା ପାଇଁ ସ୍ଥିର କରାଯାଇଛି ।

# ଆଧାର

କେନ୍ଦ୍ର ସରକାର ଆଧାର ସଂପର୍କିତ ସୂଚନା ମାଗଣାରେ ଅପ୍‌ଡେଟ୍ କରିବାର ସମୟସୀମାକୁ ବୃଦ୍ଧି କରିଛନ୍ତି । ପୂର୍ବରୁ ମାଗଣାରେ ଆଧାର ଅପ୍‌ଡେଟ୍ ସମୟସୀମା ଚଳିତମାସ ୧୪ ତାରିଖ ଥିଲା । ଏହାକୁ ଡିସେମ୍ବର ମାସ ୧୪ ତାରିଖ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟ ସୀମା ମଧ୍ୟରେ ଜନସାଧାରଣ ସେମାନଙ୍କର ନାମ, ଠିକଣା, ଜନ୍ମତାରିଖ ଭଳି ସୂଚନା ମାଗଣାରେ ଅପ୍‌ଡେଟ୍ କରିପାରିବେ ।

# ବର୍ଷା

ରାଜ୍ୟରେ ଆଜିଠାରୁ ବର୍ଷାର ପ୍ରଭାବ ହ୍ରାସ ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଉପରେ ରହିଥିବାରୁ ଏହାର ପ୍ରଭାବ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି ।  ପାଣିପାଗ ବିଭାଗର ସୂଚନା ଅନୁସାରେ ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବରଗଡ଼ ଜିଲ୍ଲାରେ ଆଜି ବର୍ଷାର ସମ୍ଭାବନା ଅଛି । ବିଗତ ୩୬ ଘଣ୍ଟା ମଧ୍ୟରେ ମୟୂରଭଞ୍ଜର ଉଦଳାରେ ସର୍ବାଧିକ ୧୪୧ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଲଘୁଚାପ ବର୍ଷାରେ ଜଳକା ନଦୀରେ ମଧ୍ୟମଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।